# ବୈଷ୍ଣବ ସାମଲଙ୍କୁ ଅକାଦେମୀ ପୁରସ୍କାର



ଭୁବନେଶ୍ୱର, ୧୮।୧୨ (ସମିସ): ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଚଳିତବର୍ଷର ସମ୍ମାନଜନକ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ପାଇବେ। ତାଙ୍କ ପ୍ରବନ୍ଧ ପୁସ୍ତକ 'ଭୂତି ଭକ୍ତି ବିଭୂତି' ପାଇଁ ଏହି ପୁରସ୍କାର ପ୍ରଦାନ କରାଯିବ। ଆଜି ଅକାଦେମୀ ପକ୍ଷରୁ ୨୧ଟି ଭାରତୀୟ ଭାଷା ପାଇଁ ପୁରସ୍କାର ଘୋଷଣା ହୋଇଛି। ସେଥିମଧ୍ୟରେ ୮ଟି କବିତା ପୁସ୍ତକ, ୩ଟି ଉପନ୍ୟାସ, ଦୁଇଟି କ୍ଷୁଦ୍ରଗଳ୍ପ, ୩ଟି ପ୍ରବନ୍ଧ ପୁସ୍ତକ ଓ ସାହିତ୍ୟ ସମାଲୋଚନା ସହ ନାଟକ ଏବଂ ଗବେଷଣା ପାଇଁ ଗୋଟିଏ ଲେଖାଏଁ ପୁସ୍ତକ ରହିଛି। ଆସନ୍ତା ବର୍ଷ ମାର୍ଚ୍ଚ ୮ ତାରିଖରେ ନୂଆଦିଲ୍ଲୀସ୍ଥିତ କମନି ପ୍ରେକ୍ଷାଳୟରେ ଏହି ପୁରସ୍କାର ପ୍ରଦାନ କରାଯିବ। ଓଡ଼ିଆ ଭାଷା ପାଇଁ ବିଚାରକ ଭାବେ ବିଶିଷ୍ଟ ସାହିତ୍ୟିକ ଦେବଦାସ ଛୋଟରାୟ, ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଓ ପାରମିତା ଶତପଥୀ ଯୋଗ ଦେଇଥିଲେ। ▶ପୃଷ୍ଠା-୭

## ବୈଷ୍ଣବ ସାମଲଙ୍କୁ...

ପ୍ରଫେସର ସାମଲ ବର୍ତ୍ତମାନ ସୁଦ୍ଧା ୧୨୦ଖଣ୍ଡ ପୁସ୍ତକ ରଚନା କରିସାରିଛନ୍ତି। ଉଚ୍ଚ ମୂଲ୍ୟବୋଧଭିତ୍ତିକ ପ୍ରାବନ୍ଧିକ ଓ ସମାଲୋଚକ ଭାବେ ତାଙ୍କର ସୁଖ୍ୟାତି ରହିଛି। ସେ ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଆ ଗଳ୍ପର ଇତିବୃତ୍ତ, ଓଡ଼ିଆ ଗଳ୍ପ: ଉନ୍ମେଷ ଓ କବିତା, ଶିଶୁ ସାହିତ୍ୟ ଓ ଧର୍ମ ସାହିତ୍ୟ ରଚନା ସହିତ ଅନେକ ଗ୍ରନ୍ଥ ସମ୍ପାଦନା କରିଛନ୍ତି। ପ୍ରଫେସର ସାମଲ ବହୁ ମହାବିଦ୍ୟାଳୟରେ ଅଧ୍ୟାପନା ସହ ଉତ୍କଳ ବିଶ୍ୱବିଦ୍ୟାଳୟ, ବିଶ୍ୱଭାରତୀ, ଶାନ୍ତିନିକେତନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ କାମ କରି ୨୦୦୪ରେ ଅବସର ନେଇଛନ୍ତି। ଏହି ପୁରସ୍କାର ପାଇବା ନେଇ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏହା ମୋତେ ଖୁବ୍ ଆନନ୍ଦିତ କରିଛି। ଆଗାମୀ ଦିନରେ ସୃଜନାତ୍ମକ ଧାରା ବଜାୟ ରଖିବାରେ ଏହା ମୋତେ ପ୍ରେରଣା ଦେବ। ହେଲେ ସାହିତ୍ୟର ପରିମାପକ କେବେ ହେଲେ ପୁରସ୍କାର ନୁହେଁ। ଅନେକଗୁଡ଼ିଏ ସାହିତ୍ୟ ରହିଛି, ଏହା କୌଣସି ପୁରସ୍କାର ପାଇ ନ ଥିଲେ ହେଁ ଖୁବ୍ ଉଚ୍ଚକୋଟୀର।